# ସମାଜ

## ତାରିଖ: ୧୪.୦୩.୨୦୧୪

## 'ବି.ଆଇ.ଆଇ.ଟି.ଏମ୍'ର ବାର୍ଷିକ ଉତ୍ସବ ଜସନ୍-୨୦୧୪



ଭୁବନେଶ୍ୱର: ପଟିଆସ୍ଥିତ ବିଜୁ ପଟ୍ଟନାୟକ ସୂଚନା ପ୍ରଯୁକ୍ତି ଓ ପରିଚାଳନା ବିଦ୍ୟା ପ୍ରତିଷ୍ଠାନ (ବିଆଇଆଇଟିଏମ)ର ବାର୍ଷିକ ଉତ୍ସବ ଜସନ୍-୨୦୧୪ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜାଭିୟର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟର ପ୍ରଫେସର ନିରଜକୁମାର ଓ ସେୟାର ମାଇକ୍ରୋଫାଇନାନ୍ସର ଭାଇସ ପ୍ରେସିଡେଣ୍ଟ କୁମୁଦରଞ୍ଜନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡଃ ପ୍ରତାପକୁମାର ତ୍ରିପାଠୀ ଉତ୍ସବରେ ପୌରୋହିତ୍ୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଉତ୍ସବ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।